# 'ସାହିତ୍ୟ ଓ ଭାଷା ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ସୀମାବଦ୍ଧ ନୁହେଁ'



କଟକ,୨୫।୫(ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ କିମ୍ବା ସଂସ୍କୃତି କୌଣସି ନିର୍ଦ୍ଦିଷ୍ଟ ଭୂଖଣ୍ଡ ମଧ୍ୟରେ ସୀମାବଦ୍ଧ ନୁହେଁ। ଏହାର ପ୍ରଚାର ପ୍ରସାର ଓ ସଂରକ୍ଷଣ ସମସ୍ତଙ୍କର ଏକ ସାମୂହିକ ଦାୟିତ୍ୱ। ଝାଡ଼ଖଣ୍ଡର ଚାଇବସାସ୍ଥିତ କୋହ୍ଲଣ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି।

କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଚେୟାର୍‌ର ପ୍ରଫେସର ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋହ୍ଲଣ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗଙ୍ଗାଧର ପଣ୍ଡା, ଝାଡ଼ଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ଦୀନେଶ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧିରେ ସିଂହଭୂମିର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅକାଦେମିର ଆଞ୍ଚଳିକ ସଚିବ ଦେବେନ୍ଦ୍ର ଦେବେଶ ସ୍ୱାଗତ୍ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ପ୍ରବାସ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ୟ ଦୁଇଟି ଅଧିବେଶନରେ ଯଥାକ୍ରମେ ପ୍ରଫେସର ବିଜୟ କୁମାର ଶତପଥୀ ଓ ପ୍ରଦୀପ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ହରିହର ପ୍ରଧାନ, ପ୍ରଫେସର ସତ୍ୟପ୍ରିୟ ମହାଳିକ, ପ୍ରାଧ୍ୟାପକ ମନୋଜକୁମାର ମହାପାତ୍ର, ସୁରେଶଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ବହୁ ଗବେଷକ ଓ ଅଧ୍ୟାପକ ପ୍ରବନ୍ଧ ପାଠ କରିବା ସହ ଭାଷା, ସାହିତ୍ୟ ଓ ସଂସ୍କୃତିର ସାଂପ୍ରତିକ ପରିସ୍ଥିତିକୁ ନେଇ ଆଲୋଚନା କରିଥିଲେ।